# ବାର୍ଷିକ ଦେୟ ବିବରଣୀ

| ଦେୟ | ଫାର୍ମ ୟୁନିଟ୍ – ବ୍ୟକ୍ତିଗତ / ଗ୍ରୁପ୍ (ଦେୟ) | ଟିପ୍ପଣୀ |
|---|---|---|
| ଆବେଦନ | ୧. କ୍ଷୁଦ୍ରତ୍ତମ ୟୁନିଟ୍ – ୧୦ ହେକ୍ଟରରୁ କମ୍ - ୧୦୦<br>୨. କ୍ଷୁଦ୍ର ୟୁନିଟ୍ – ୨୫ହେକ୍ଟରରୁ କମ୍ - ୫୦୦<br>୩. ମଧ୍ୟମ ୟୁନିଟ୍ ୨୫ ହେକ୍ଟରରୁ ଅଧିକ ୧୦୦ ହେକ୍ଟରରୁ କମ୍ - ୧୫୦୦<br>୪. ବୃହତ ୟୁନିଟ୍ – ୧୦୦ହେକ୍ଟରରୁ ଅଧିକ କିନ୍ତୁ ୫୦୦ ହେକ୍ଟରରୁ କମ୍ -୨୫୦୦<br>୫. ବୃହତ୍ତମ୍ ୟୁନିଟ୍ ୫୦୦ ହେକ୍ଟରରୁ ଅଧିକ - ୩୦୦୦ | |
| ନିରୀକ୍ଷଣ | ରାଜ୍ୟ ଭିତରେ – ୨୫୦୦/-<br>ରାଜ୍ୟ ବାହାରେ - ୩୦୦୦/- | ନିରୀକ୍ଷଣ ପାଇଁ ପ୍ରସ୍ତୁତି |
| ପ୍ରମାଣନ | କ୍ଷୁଦ୍ରତ୍ତମ୍ : ୧୦୦ (ହେକ୍ଟର ପିଛା)<br>କ୍ଷୁଦ୍ର : ୫୦୦୦<br>ମଧ୍ୟମ :୧୦୦୦୦<br>ବୃହତ୍ : ୧୫୦୦୦<br>ବୃହତ୍ତମ୍ : ୨୦୦୦୦ | ପ୍ରମାଣନ କାର୍ଯ୍ୟ |
| ଯାତ୍ରା ବ୍ୟୟ | - | ଯାତାୟତ.ଖାଦ୍ୟଓ ରହଣି ପାଇଁ ପ୍ରଯୁଜ୍ୟ |
| ସ୍କୋପ ପ୍ରମାଣପତ୍ର | ୧୦୦୦/- | |
| ଟ୍ରାନଜାକସନ ପ୍ରମାଣପତ୍ର | ୫୦୦/- | କପି ପିଛା |
| ରାସାୟନିକ ପରୀକ୍ଷଣ | ପ୍ରକୃତ ମୂଲ୍ୟ | ମାଟି/ଜଳ/ପତ୍ର ର ନମୁନା |


ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା
୩୨୬, ବରମୁଣ୍ଡା , ଭୁବନେଶ୍ୱର-୭୫୧୦୦୩
Email- ceoosoca@gmail.com


ORISSA STATE ORGANIC CERTIFICATION AGENCY
Orissa Organic
BHUBANESWAR

# ଜୈବ ପ୍ରମାଣନ

## ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା




୩୨୬, ବରମୁଣ୍ଡା , ଭୁବନେଶ୍ୱର- ୭୫୧୦୦୩
Email- ceoosoca@gmail.com

## ଜୈବ ପ୍ରମାଣନ କଣ ?

ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ରାଜ୍ୟରେ ଜୈବ ପ୍ରମାଣନ କରିବା ପାଇଁ ୨୦୦୮ ମସିହାରେ ପ୍ରତିଷ୍ଠା ହୋଇଅଛି । ଓସୋକା ରାଜ୍ୟ ତଥା ରାଜ୍ୟ ବାହାରେ ଜୈବିକ କୃଷିକୁ ଉପଯୁକ୍ତ ନିରୀକ୍ଷଣ କରିବା ସହ ଏହାର ପ୍ରମାଣିକରଣ କରିଥାଏ । ଏହା ସହ ଉଭୟ ସହଭାଗି କୃଷି ପଦ୍ଧତି ବା ପିଜିଏସ୍ ଏବଂ ଜାତୀୟ ଜୈବିକ ଉତ୍ପାଦନ ଯୋଜନା ବା ଏନ.ପି.ଓ.ପି ମାଧ୍ୟମରେ ଜୈବିକ କୃଷିର ପ୍ରମାଣିକରଣ କରୁଅଛି । ବର୍ତ୍ତମାନ ସୁଦ୍ଧା ସର୍ବମୋଟ ୯୦୦୦୦ ହେକ୍ଟରରୁ ଅଧିକ ଚାଷ ଜମି ଜୈବ ପ୍ରମାଣନ ପାଇଁ ପଂଜିକୃତ ହୋଇଛନ୍ତି । ଏକ ସ୍ୱଚ୍ଛ ଉପାୟରେ ଚାଷୀ ମାନଙ୍କୁ ଜୈବ ପ୍ରମାଣନ ଦେବା ପାଇଁ ଓସୋକା ପ୍ରତିଶ୍ରୁତି ବଦ୍ଧ ।

## ଜୈବ ପ୍ରମାଣନର ଆବଶ୍ୟକତା :

- କମ୍ ମୂଲ୍ୟରେ ଚାଷୀ ମାନଙ୍କୁ ଜୈବ ପ୍ରମାଣନ ଯୋଗାଇବା
- ଏକ ସ୍ୱଚ୍ଛ ପ୍ରମାଣନ ପ୍ରକ୍ରିୟାକୁ ଅନ୍ତର୍ଭୁକ୍ତ କରାଇବା
- ଜୈବିକ କୃଷିର ପ୍ରସାର ଦିଗରେ ଚେଷ୍ଟା କରିବା
- ଚାଷୀ ମାନଙ୍କ ମଧ୍ୟରେ ଜୈବିକ କୃଷି ଓ ଜୈବ ପ୍ରମାଣନ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା
- ଜୈବ ପ୍ରମାଣନ ମାଧ୍ୟମରେ ଉପଯୁକ୍ତ ଜୈବ ଉତ୍ପାଦ ସୃଷ୍ଟି କରିବା
- ରାଜ୍ୟରେ ଜୈବ ପ୍ରମାଣନ ପାଇଁ ପ୍ରୋତ୍ସାହନ ଯୋଗାଇବା

## ଜୈବ ପ୍ରମାଣନ ପାଇଁ ଆବେଦନ ପ୍ରକ୍ରିୟା :

ଚାଷୀ ମାନେ ନିଜ ଜମିକୁ ଜୈବ ପ୍ରମାଣନ କରିବା ପାଇଁ ଓସୋକା ନିକଟରେ ଆବେଦନ କରିପାରିବେ । ଏଥି ନିମନ୍ତେ ଆଗ୍ରହୀ ଜୈବିକ କୃଷକ ତଥା ଯୁବ ଉଦ୍ୟୋଗୀ ମାନେ ନିର୍ଦ୍ଦିଷ୍ଟ ଆବେଦନ ପତ୍ରରେ ଓସୋକାକୁ ଜଣାଇବା ଆବଶ୍ୟକ । ସଠିକ ଓ ନିର୍ଭୁଲ ରୂପରେ ଓସୋକା ଦ୍ୱାରା ପ୍ରଦାନ କରାଯାଇଥିବା ଦସ୍ତାବିଜକୁ ପୂରଣ କରି କାର୍ଯ୍ୟାଳୟରେ ଦାଖଲ କରିବା ଜରୁରୀ । ଆବେଦନ ପତ୍ର ସହିତ ଆବେଦନ କରୁଥିବା ବ୍ୟକ୍ତି ତଥା ସଂସ୍ଥା ନିଜର ସମ୍ପୂର୍ଣ୍ଣ ଲିଗାଲ ଡ଼କ୍ୟୁମେଣ୍ଟ ପ୍ରଦାନ କରିବା ଆବଶ୍ୟକ୍ । ଏହା ସହ ଅପରେଟର ଓ ଓସୋକା ଦ୍ୱାରା ଚୁକ୍ତି ସ୍ୱାକ୍ଷରିତ ହେବା ଆବଶ୍ୟକ ।

## ଆବେଦନ ପତ୍ର ଦାଖଲ କରିବା କାର୍ଯ୍ୟାଳୟ :

ମୁଖ୍ୟ କାର୍ଯ୍ୟାଳୟ : ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା , ମୁଖ୍ୟ ଦପ୍ତର , ୩୨୬ , ବରମୁଣ୍ଡା ,ଭୁବନେଶ୍ୱର- ୭୫୧୦୦୩

## ଜୈବିକ ପ୍ରମାଣିକରଣ କଣ ?

କୃଷିକୁ ନିରନ୍ତର ଧାରାରେ ପହଞ୍ଚାଇବା ପାଇଁ ଜୈବିକ କୃଷି ହିଁ ସର୍ବୋତ୍ତମ ପନ୍ଥା । ଏହାକୁ ଆମେ ପ୍ରାକୃତିକ କୃଷି, ଗୋ-ଆଧାରିତ କୃଷି, ବାହ୍ୟ ଖର୍ଚ୍ଚ ବିହିନ ଋଷ ପଦ୍ଧତି ଆଦି ବିଭିନ୍ନ ନାମରେ କହିପାରିବା। ଆଜିର ଦିନରେ ସମସ୍ତ ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତି ଖାଦ୍ୟ ସୁରକ୍ଷା ସହ ପୁଷ୍ଟି ସୁରକ୍ଷା, ନିରାପଦ ଖାଦ୍ୟକୁ ଗୁରୁତ୍ୱ ଦେଉଛନ୍ତି । କମ ଖର୍ଚ୍ଚ , ସ୍ୱଳ୍ପ ସମୟ ଓ ଅଧିକ ଆୟର ମାଧ୍ୟମ ଏହି ଜୈବିକ କୃଷି । କୃଷି କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ଚାଷୀଙ୍କ ଭିତରେ ନୂଆ ଜାଗରଣ ଭରି ଏକ ସୁସ୍ଥ ଓ ସବୁଜ ସମାଜ ଗଢ଼ିବାରେ ଜୈବିକ କୃଷିର ଭୂମିକା ଅତୁଳନୀୟ । ଜେବିକି ପ୍ରମାଣିକରଣ ହେଉଛି ଚାଷୀଙ୍କ ଉତ୍ପାଦକୁ ପ୍ରମାଣିକରଣ କରିବାର ସରଳ ପକ୍ରିୟା । ଏହା ଦ୍ୱାରା ଚାଷୀର ଉତ୍ପାଦ ଜୈବିକ ବୋଲି ପ୍ରତିପାଦନ କରାଯିବାର କୌଣସି ଦ୍ୱିରକ୍ତି ନାହିଁ । ଚାଷୀ ନିଜର ପ୍ରମାଣିକରଣକୁ ସାଥ କରି ନିଜ ଜୈବ ଉତ୍ପାଦକୁ ବିଭିନ୍ନ କୋଣ ଅନୁକୋଣରେ ସଫଳତାର ସହ ପହଁଚାଇପାରିଛନ୍ତି ।

## ପି.ଜି.ଏସ୍-ଇଣ୍ଡିଆ ବା ସହଭାଗୀ ପ୍ରତିଶ୍ରୁତି ବ୍ୟବସ୍ଥା ଓ ତୃତୀୟ ଭାଗ ସହଭାଗିତା :

ଏହା ଏକ ସ୍ୱେଚ୍ଛାକୃତ ଜୈବିକ ପ୍ରତିଶ୍ରୁତି କାର୍ଯ୍ୟକ୍ରମ ଅଟେ, ଯାହା ଭାରତ ସରକାରଙ୍କ ଅଧିନସ୍ଥ କୃଷି ଓ ସମବାୟ ବିଭାଗର ଜାତୀୟ ଜୈବିକ କୃଷି ପ୍ରକଳ୍ପ ମାଧ୍ୟମରେ ଜାତୀୟ ଜୈବ କୃଷି କେନ୍ଦ୍ର ଦ୍ୱାରା କାର୍ଯ୍ୟକାରୀ ହେଉଅଛି  ପି.ଜି.ଏସ୍ ଜାତୀୟ ପରାମର୍ଶ ଦାତା କମିଟି ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ଓ ନିଷ୍ପତ୍ତି ଗ୍ରହଣ କରିବା ସଂସ୍ଥା ଅଟେ ।

ଗୋଷ୍ଠୀମାନଙ୍କର ପରସ୍ପର ସଂଯୋଗ ସୃଷ୍ଟି, ଯେଉଁମାନେ ସହଭାଗିତା ମାଧ୍ୟମରେ ପି.ଜି.ଏସ୍-ଇଣ୍ଡିଆ ଅନୁସାରେ ଜୈବିକ ପ୍ରତିଶ୍ରୁତି ଦେବାକୁ ସମର୍ଥ ଅଟନ୍ତି । ଏହି ବ୍ୟବସ୍ଥାକୁ ସ୍ୱଚ୍ଛ ଓ ଭରସାଯୋଗ୍ୟ କରିବା ପାଇଁ ସ୍ଥାନୀୟ ସଂସ୍ଥାମାନଙ୍କୁ ଆଞ୍ଚଳିକ ପରିଷଦ ହିସାବରେ ନିୟୋଜିତ କରିବାର ବ୍ୟବସ୍ଥା ଅଛି ।

ଚାଷ କ୍ଷେତର ଜୈବିକ ସ୍ଥିତି ପରିବର୍ତ୍ତନ ସମୟରେ ଯାହାକି ଋତୁକାଳୀନ ଫସଲ ପାଇଁ ୨୪ମାସ ଓ ଏକବର୍ଷରୁ ଅଧିକ ଅବଧିଯୁକ୍ତ ଫସଲ, ଫଳଗଛ ପାଇଁ ୩୬ମାସ ପିଜିଏସ୍ ଗ୍ରୀନ (PGS Green) ଓ ପରିବର୍ତ୍ତନ ଅବଧିପରେ ସମସ୍ତ ସର୍ତ୍ତ ପୂରଣ କରୁଥିଲେ ପିଜିଏସ୍ ଅର୍ଗାନିକ (PGS Organic) ଜୈବିକ ପ୍ରମାଣ ପତ୍ର ମିଳିଥାଏ, ଯାହାର ଅବଧି ଏକ ବର୍ଷ ବା ୧୨ ମାସ ଅଟେ । ଏନ.ପି.ଓପି – ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଜୈବିକ ପ୍ରମାଣିକରଣ ର ଏକ ନୂଆ ଦିଶା ।

ଆମ ରାଜ୍ୟରେ ସରକାରୀ ସଂସ୍ଥା ଭାବରେ ଓସୋକା ଚାଷୀ ମାନଙ୍କର ଜୈବିକ ଜମିକୁ ଜୈବ ପ୍ରମାଣିକରଣ କରିବା ପାଇଁ ପ୍ରତିଷ୍ଠା ହୋଇଛି । ଚାଷୀଙ୍କୁ କମ୍ ମୂଲ୍ୟରେ ଏହି ପ୍ରମାଣିକରଣ ଯୋଗାଇବା ଏନ.ପିଓପିର ମୁଖ୍ୟ ଉଦ୍ଦେଶ୍ୟ । ସେହିପରି ଏନ.ପି.ଓ.ପି ମାଧ୍ୟମରେ ଓସୋକା ସହାୟତାରେ ଚାଷୀ ମାନେ ନିଜ ଜାଷ ଜମିକୁ ଜୈବ ପ୍ରମାଣିକରଣ କରିପାରିବେ । ତେବେ ପଂଜିକରଣ ହେବା ଦିନଠାରୁ ତିନି ବର୍ଷ ପରେ ଚାଷୀ ମାନଙ୍କୁ ସମ୍ପୂର୍ଣ୍ଣ ଜୈବିକ ପ୍ରମାଣିକରଣର ପ୍ରମାଣପତ୍ର ମିଳେ । ଏହି ଅବଧି ଭିତରେ ଚାଷୀ ମାନେ ଜୈବିକ ପ୍ରଣାଳୀକୁ ଅବଲମ୍ବନ କରିବା ଆବଶ୍ୟକ ।